# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 September – 2025

*************************************

## ମୁଖ୍ୟ ସମ୍ବାଦ

- ଦେଶରେ ଆଜିଠାରୁ ଲାଗୁ ହେଲା ପରବର୍ତ୍ତୀ ପିଢ଼ି ଦ୍ରବ୍ୟ ଓ ସେବାକର ସଂସ୍କାର
- ବିଧାନସଭାର ମୌସୁମୀ ଅଧିବେଶନରେ ଆଜି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ
- ରାଜ୍ୟରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୪୯ କୋଟି ୬୭ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ଗୃହରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ଶକ୍ତି ଓ ଉପାସନାର ପର୍ବ ନବରାତ୍ରୀର ପ୍ରଥମ ଦିନରେ ଆଜି ବିଭିନ୍ନ ଶକ୍ତିପୀଠରେ ମା' ଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ଏବଂ

- ଉତ୍ତର–ପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

# ପିଏମ୍‌-ଜିଏସ୍‌ଟି

ପବିତ୍ର ନବରାତ୍ରିର ପ୍ରଥମ ଦିନରେ ଦେଶରେ ଆଜିଠାରୁ ପରବର୍ତ୍ତୀ ପୀଢ଼ି ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ସଂସ୍କାର କାର୍ଯ୍ୟକାରୀ ହୋଇଛି । ନୂତନ ସଂସ୍କାର ଲାଗୁ ହେବା ଦ୍ୱାରା ୨ଟି ସ୍ଲାବ ୫ ପ୍ରତିଶତ ଏବଂ ୧୮ ପ୍ରତିଶତରେ ଜିଏସ୍‌ଟି ସୀମିତ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଏସ୍‌ଟି ସଂସ୍କାରକୁ ସଞ୍ଚୟ ଉତ୍ସବ ଭାବେ ପାଳନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଜିଏସ୍‌ଟି ସଂସ୍କାର ଦ୍ୱାରା ଦେଶରେ ପୁଞ୍ଜିନିବେଶ ବୃଦ୍ଧି ପାଇବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସ୍ୱଦେଶୀ ମନ୍ତ୍ରକୁ ଆପଣେଇ ଦେଶବାସୀ ଅଧିକ ଲାଭାନ୍ୱିତ ହେବେ ଏବଂ ଏହା ଦେଶର ଅର୍ଥନୈତିକ ସମୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ମାଝି କହିଛନ୍ତି ।

ଜିଏସଟି ହ୍ରାସ ପାଇବା ପରେ କ୍ଷୀର, ଲହୁଣୀ, ଘିଅ, ଆଇସକ୍ରିମ୍‌ ଓ ପାଉଁରୁଟି ଭଳି ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ ଗୁଡ଼ିକର ମୂଲ୍ୟ ହ୍ରାସ ପାଇଛି । ଦେଶବାସୀ ନୂଆ ଜିଏସଟି ସଂସ୍କାର ଫଳରେ ବାର୍ଷିକ ଅଢ଼େଇ ଲକ୍ଷ କୋଟି ଟଙ୍କା ସଂଚୟ କରିପାରିବେ । ସୂଚନା ଅନୁଯାୟୀ,

ଦୁଗ୍ଧଜାତ ଦ୍ରବ୍ୟ, ପ୍ୟାକେଜ ଖାଦ୍ୟ ଏବଂ ବ୍ୟକ୍ତିଗତ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ପୂର୍ବରୁ ୧୨ ପ୍ରତିଶତରୁ ୧୮ ପ୍ରତିଶତ ଜିଏସଟି ଲାଗୁ ହୋଇଥିବା ବେଳେ ଏହାକୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଅଟୋମୋବାଇଲ୍ କ୍ଷେତ୍ରରେ ମଧ୍ୟ ଜିଏସଟି ସଂସ୍କାର ଯୋଗୁଁ ଦର ହ୍ରାସ ପାଇଛି । କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଔଷଧ, ରୋଗ ପରୀକ୍ଷଣ କୀଟ୍, ଡାକ୍ତରୀ ଗ୍ରେଡ୍ ଅମ୍ଳଜାନ ଉପରେ ଟିକସ ହାର ୧୨ରୁ ୫ ପ୍ରତିଶତକୁ ହ୍ରାସ କରିଥିବା ବେଳେ ଜୀବନବୀମା ଏବଂ ସ୍ୱାସ୍ଥ୍ୟବୀମା ପ୍ରିମିୟମ ଉପରେ ସଂପୂର୍ଣ୍ଣ ଜିଏସଟି ଛାଡ଼ କରିଛନ୍ତି । ସେହିପରି ଦେଶର ଶିକ୍ଷାକ୍ଷେତ୍ରର ବିକାଶ ଲାଗି ଅଭ୍ୟାସ ପୁସ୍ତିକ, ପେନ୍ସିଲ୍, ରବର ଓ ନୋଟ୍‌ବୁକ୍ ଗୁଡ଼ିକ ଉପରୁ ସଂପୂର୍ଣ୍ଣ ଜିଏସଟି ଛାଡ଼ କରାଯାଇଛି ।

Nabarangpur

## ରାଜ୍ୟ- ଜିଏସ୍‌ଟି

ନବରଙ୍ଗପୁର ଜିଲ୍ଲାରେ ବାଣିଜ୍ୟକର ଓ ବସ୍ତୁ ସେବାକର ବିଭାଗ ପକ୍ଷରୁ ନୂତନ ଜିଏସ୍‌ଟି ସଂସ୍କାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଚାମ୍ବର ଅଫ୍ କମର୍ସର ସଦସ୍ୟମାନଙ୍କୁ ନୂତନ ଜିଏସ୍‌ଟି ସଂସ୍କାର ସମ୍ପର୍କରେ ସଚେତନତା କରାଯାଇଛି। ବାଣିଜ୍ୟକର ଓ ଜିଏସ୍‌ଟି ବିଭାଗର ଡେପୁଟି କମିଶନର

ତପଙ୍ଗ ତପନ ନାୟକ, ସହକାରୀ କମିଶନର ଆଶିଷ ଗର୍ଗ ପ୍ରମୁଖ ଯୋଗ ଦେଇଥିଲେ ।

BBSR/R

## ବିଧାନସଭା-୧

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନର ତୃତୀୟ ଦିନରେ ବିରୋଧୀ ବିଜେଡ଼ି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଛି । ଆଜି ଗୃହ ମାତ୍ର ୭ ମିନିଟ୍ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ି ଗୃହକୁ ମୁଲତବୀ ରଖିଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ ଏବଂ କଂଗ୍ରେସ ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ବାଚସ୍ପତି ଗୃହକାର୍ଯ୍ୟରେ ସହଯୋଗ କରିବା ପାଇଁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

BBSR/R

## ବିଧାନସଭା-୪

ରାଜ୍ୟରେ ନୂତନ ସରକାର ଆସିବା ପରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୪୯ କୋଟି ୬୭ ଲକ୍ଷ ୬୮ ହଜାର ଟଙ୍କା ଫେରସ୍ତ କରାଯାଇଛି ବୋଲି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ କହିଛନ୍ତି। ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋଟ୍ ୪ ଲକ୍ଷ ୭୨ ହଜାର ୬୫୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ କର୍ପସ ପାଣ୍ଠିରୁ ଅର୍ଥଫେରସ୍ତ ପାଇଁ ସୁପାରିସ ହୋଇଥିଲା। ସେମାନଙ୍କ ମଧ୍ୟରୁ ୯୬ ହଜାର ୮୦୧ ଜଣଙ୍କୁ ୪୬ କୋଟି ଟଙ୍କା ଦିଆଯାଇଛି। ଅନ୍ୟମାନଙ୍କୁ ଅର୍ଥ ଫେରସ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଆନୁମାନିକ ଭାବେ ୨୪ ଲକ୍ଷ ୭୫ ହଜାର ୭୮୨ କ୍ଷତିଗ୍ରସ୍ତ ଜମାକାରୀ ୬ ହଜାର ୮୬୦ କୋଟି ୧୪ ଲକ୍ଷ ୪୨ ହଜାର ଟଙ୍କାର ବିଭିନ୍ନ ବେଆଇନ ଆର୍ଥିକ ପ୍ରତିଷ୍ଠାନରେ ପୁଞ୍ଜିନିବେଶ କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା-୨

ରାଜ୍ୟରେ ଗତ ତିନି ବର୍ଷ ମଧ୍ୟରେ ୨୩ ହଜାର ୧୩୦ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଗୃହରେ ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକ କାଡ୍ରାକା ଆପାଲାସ୍ୱାମୀଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ମହାଲିଙ୍ଗ କହିଛନ୍ତି, ୩୪ ହଜାର ୨୮୪ ଜଣ ଶିଶୁ ମା' ଗର୍ଭରେ ପ୍ରାଣ ହରାଇଛନ୍ତି।

Puri

# ପୁରୀ– ରତ୍ନଭଣ୍ଡାର ମରାମତି

ପୁରୀ ଶ୍ରୀମନ୍ଦିରରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀଜୀଉଙ୍କର ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ଆସନ୍ତାକାଲି ସ୍ଥାୟୀ ଭଣ୍ଡାରକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସ୍ଥାନାନ୍ତର କରାଯିବ। ଏଥିପାଇଁ ଆସନ୍ତାକାଲି ଦିନ ୧୦ଟାରୁ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବା ସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗତ ମୋହନ ଶୋଧ କରାଯିବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ଦେଉଳ ଏବଂ ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ।

ମହାପ୍ରସାଦ ପାଇବାକୁ ଇଚ୍ଛୁକ ଶ୍ରଦ୍ଧାଳୁମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର କରାଯିବ ଏବଂ ଦର୍ଶନ ସ୍ୱାଭାବିକ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

Sambalpur/Nuapada/Subarnpur/Desk

# ନବରାତ୍ରୀ

ଦେଶରେ ଆଜିଠାରୁ ଶକ୍ତି ଉପାସନାର ପର୍ବ ନବରାତ୍ରୀ ଆରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶକ୍ତିପୀଠ ଏବଂ

ମନ୍ଦିର ଗୁଡ଼ିକରେ ମା’ ଦୁର୍ଗାଙ୍କୁ ‘ଶୈଳପୁତ୍ରୀ’ ବେଶରେ ପୂଜା କରାଯାଉଛି ।

ନବରାତ୍ରୀର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ମା’ଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୌଭାଗ୍ୟ ଓ ଆରୋଗ୍ୟରେ ପରିପୂର୍ଣ୍ଣ ହେଉ। ସାହସ, ସଂଯମ ଓ ସଂକଳ୍ପର ଭକ୍ତିଭାବରେ ଭରା ଏହି ପବିତ୍ର ପର୍ବ ସମସ୍ତଙ୍କ ଜୀବନରେ ନୂଆ ଶକ୍ତି ଓ ବିଶ୍ୱାସ ଆଣି ଦେଉ ବୋଲି ଶ୍ରୀ ମୋଦୀ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରାତ୍ରୀ ଅବସରରେ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି।

ନୂଆପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଜଗତଜନନୀ ମା’ ଦୁର୍ଗାଙ୍କ ପୂଜା ପାଇଁ ଉତ୍ସବ ମୁଖର ହୋଇଉଠିଛି। ରୀତିନୀତି ଅନୁଯାୟୀ ପୀଠମାନଙ୍କରେ ମା’ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି।

ସୁବର୍ଣ୍ଣପୁର ଜିଲ୍ଲାର ଶତାଧିକ ମାହେଶ୍ୱରୀ ପୀଠରେ ଦେବୀ ମାହେଶ୍ୱରୀ ଓ ପରମେଶ୍ୱରୀଙ୍କ ଷୋହଳ ପୂଜା ଅନୁଷ୍ଠିତ ହେଉଛି। ଆଜି ମା’ କାଳୀ ବେଶରେ ବିଭୂଷିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ମହାଳୟା

ଅମାବାସ୍ୟାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ମା’ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି ।

BHK

## ସ୍ମାରକୀ ଦିବସ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସହିଦନଗର ଲୁଣିଆ ଗୁଳିକାଣ୍ଡର ଆଜି ୭୩ତମ ସ୍ମାରକୀ ଦିବସ ପାଳିତ ହୋଇଛି । ୧୯୪୨ ମସିହା ଭାରତଛାଡ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିବାଦ କରି ୯ଜଣ ସଂଗ୍ରାମୀ ସହିଦ ହୋଇଥିଲେ । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଲୁଣିଆ ସହିଦ୍ ସ୍ମୃତିପୀଠର ବିକାଶ ଓ ଉନ୍ନତି ପାଇଁ ସରକାର ୧୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ବୋଲି କହିଛନ୍ତି ।

Desk

## ସେବା ପର୍ବ – କୃଷକ ସଶକ୍ତୀକରଣ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର

ସରକାର ସୁଲଭ ଗୃହ, ସହରାଞ୍ଚଳକୁ ସଂଯୋଗୀକରଣ ମାଧ୍ୟମରେ ଦେଶର ସହରଗୁଡ଼ିକରେ ଜନସାଧାରଣଙ୍କ ଜୀବନର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ଦେଶରେ ପରିବହନ କ୍ଷେତ୍ରରେ ଆଶାତୀତ ଉନ୍ନତି ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସମୟରେ ମେଟ୍ରୋ କେବଳ ପରିବହନର ଏକ ମାଧ୍ୟମ ହୋଇନାହିଁ, ଏହାର ଦେଶର ଅଭିବୃଦ୍ଧି କାହାଣୀର  ଜୀବନରେଖା ପାଲଟିଛି। ଏହି ପଦକ୍ଷେପ ନବସୃଜନ ଏବଂ ସ୍ଥାୟୀ ସହରାଞ୍ଚଳ ଜୀବନଧାରଣର ମହତ୍ତ୍ୱକାଂକ୍ଷୀ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେଉଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟଓ୍ୱର୍କ ଭାବରେ ନୂତନ ପରିଚୟ ସୃଷ୍ଟି କରିଛି। କୋଲକାତାରେ ମେଟ୍ରୋ ରେଳପ୍ରକଳ୍ପର ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି...

**- V/O -(PM)**

ସହରାଞ୍ଚଳରେ ସରକାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଗୁଣାତ୍ମକ ବାସସ୍ଥାନ ଓ ସମ୍ମାନର ସହ ବଞ୍ଚିବା ସୁନିଶ୍ଚିତ କରିଛନ୍ତି। ଗତ ୧୧ ବର୍ଷରେ ସହରାଞ୍ଚଳ ଜନସାଧାରଣଙ୍କୁ ସରକାର ସୁଲଭ ବାସସ୍ଥାନ ଯୋଗାଇ ଆସୁଛନ୍ତି। ଏହି ଅବଧି ମଧ୍ୟରେ ୧ କୋଟି ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଗୃହକୁ ମଞ୍ଜୁରୀ ସହ ୯୩ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି।

ଯାତ୍ରୀମାନଙ୍କୁ ମେଟ୍ରୋ ସୁବିଧା ଯୋଗାଇବାଠାରୁ ଆରମ୍ଭ କରି ଲୋକଙ୍କୁ ଗୃହ ଆବଣ୍ଟନ ପର୍ଯ୍ୟନ୍ତ ସରକାର ସହରାଞ୍ଚଳରେ ଜନସାଧାରଣଙ୍କ ଜୀବନମାନରେ ଉନ୍ନତି ଆଣିବାରେ ସଫଳ ହୋଇଛନ୍ତି।

ଆକାଶବାଣୀ ଆଂଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

MET

# ପାଣିପାଗ

ଉତ୍ତରପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ିସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୨୫ ତାରିଖ ସୁଦ୍ଧା ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଚି।